## ଯୁବକଙ୍କ ଆତ୍ମହତ୍ୟା

ବେତନଟୀ,(ଡି.ଏନ.ଏ): ବେତନଟୀ ଥାନା ଅଧୀନ ଶଙ୍ଖଯୋଡ଼ ଗ୍ରାମ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ଟେଣ୍ଟେ କିସ୍କୁ। ସେ ତାଙ୍କ ଅଜା ଧରମା କିସ୍କୁଙ୍କ ଘରେ ରହୁଥିଲେ। ତାଙ୍କ ଘର ସାକୁଆ ନିକଟ ବଣତାଳପଦା ବୋଲି ଜଣାପଡିଛି। ମୃତ୍ୟୁର କାରଣ ଜଣା ପଡ଼ିନାହିଁ।

## ସଂକ୍ଷେପରେ

### ଜଳୁଛି ସଂରକ୍ଷିତ ଜଙ୍ଗଲ



ପାଟଣା,୨୪।୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ରେଞ୍ଜ ଜଡ଼ିଚାତରବାଲି ସାହିର ଆକାଶିଆ ଜଙ୍ଗଲରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ଶତାଧିକ ଗଛ ପୋଡ଼ି ନଷ୍ଟ ହୋଇଯାଇଛି।ଏହି ନିଆଁ ଗାଁ ଆଡ଼କୁ ମାଡ଼ି ଆସୁଛି। ଫଳରେ ଜଙ୍ଗଲ ନିକଟରେ ଥିବା ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲେ ମଧ ସ୍ଥିତି ଅଣାୟତ ହୋଇପଡ଼ିଛି। ସେହିଭଳି ବାଉଁଶୁଳି ପଟାସ ଜଙ୍ଗଲ ଓ କୁମୁଳାବାହାଲି ସଂରକ୍ଷିତ ଜଙ୍ଗଲ ସହ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ଅନେକ ଗଛ ପୋଡ଼ି ଯାଇଥିବା ସୂଚନା ମିଳିଛି।

### ପୋଖରୀ ହୁଡ଼ାରୁ ବୋମା ଜବତ



ପଦ୍ମପୁର, ୨୪।୨ (ଡି.ଏନ.ଏ.)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତର ବିନ୍ଧା ଗ୍ରାମରେ ଏକ ପୋଖରୀ ହୁଡ଼ାରୁ ୮ଟି ହାତ ତିଆରି ବୋମା ପୋଲିସ ଜବତ କରିଛି। ବୋମା ସ୍କ୍ୱାଡ୍ ଦ୍ୱାରା ସେଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ତିହିଡ଼ି ଥାନା ପୋଲିସ କୌଣସି ସୂତ୍ରରୁ ଉକ୍ତ ସ୍ଥାନରେ ବୋମା ଥିବା ଖବର ପାଇଥିଲା। ଥାନା ଅଧିକାରୀ ମହମ୍ମଦ ହାଫିଜ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡ଼ିକୁ ନିଷ୍କ୍ରିୟ କରାଇଲେ। ତେବେ ଏଠାରେ କିଏ ଏହି ବୋମା ରଖିଥିଲା, ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ହରିଣ ମାଂସ, ବନ୍ଧୁକ ଜବତ

ବାରିପଦା ଅଫିସ,୨୪।୨- ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଧୀନ ପିଠାବଟା ବନ୍ୟପ୍ରାଣୀ ରେଞ୍ଜର ଅନ୍ଧାରୀତୋଟା-୨ ବିଟ୍ ଅଞ୍ଚଳରୁ ଗୁରୁବାର ରାତିରେ ଜଣେ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ତାଙ୍କ ନିକଟରୁ ହରିଣ ମାଂସ, ଗୋଟିଏ ଗୁଳିଭର୍ତ୍ତି ଦେଶୀବନ୍ଧୁକ, ସାଇକେଲ ବଲ୍, ଟର୍ଚ୍ଚଲାଇଟ ଏବଂ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଖୁଣ୍ଟା ଥାନା ଅଧୀନ ଅଗ୍ନିକୁଆଁରୀ ଗ୍ରାମର ଗୋବିନ୍ଦ ଟୁଡ୍ଡୁ। ଅନ୍ଧାରର ସୁଯୋଗରେ ଗୋବିନ୍ଦଙ୍କ ସହଯୋଗୀ ଖସି ପଳାଇବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ଏନେଇ ବନ୍ୟପ୍ରାଣୀ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ଚଢ଼ାଉରେ ଫରେଷ୍ଟ ଗାର୍ଡ ସୁନତ ନାଏକ, ଜୟନ୍ତ ମହାନ୍ତ, ରାଜେଶ ହେମ୍ବ୍ରମ ଓ ଦେଓସାଇ ଡୁଡି ପ୍ରମୁଖ ସାମିଲ ଥିଲେ।

# ଆରମ୍ଭ ହେଲା ଧରପଗଡ଼

କେନ୍ଦୁଝର,୨୪।୨(ସ୍ୱ.ପ୍ର.)

## ଘରୋଇ ବସ୍ ରୁଟ୍ ପରମିଟ୍ ଖିଲାପ

କେନ୍ଦୁଝରସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରୁଟ୍ ପରମିଟ୍ ମୁତାବକ ନିର୍ଦ୍ଧାରିତ ସମୟ ଖିଲାପ କରି ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ବିରୋଧରେ ଧରପଗଡ଼ ଆରମ୍ଭ ହୋଇଛି। ଫଳରେ ମନ ଇଛା ସମୟରେ ଯାତାୟାତ କରୁଥିବା ବସ୍ ମାଲିକମାନଙ୍କ ଚିନ୍ତା ବଢ଼ିଛି।

ଆଞ୍ଚଳିକ ପରିବହନ ବିଭାଗର ୩ ଟିମ୍ ବୁଧବାରଠାରୁ ଆନନ୍ଦପୁର, ଘଟଗାଁ ଓ କେନ୍ଦୁଝରଠାରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ଯାଞ୍ଚ କାର୍ଯ୍ୟ ଆରମ୍ଭ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟରେ ବହୁ ବସ୍ ଚଳାଚଳ ନ କରି ମନଇଛା ଚଳାଚଳ କରୁଥିବା ନେଇ ବସ୍ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାକୁ ନେଇ ବିବାଦ ମଧ ସୃଷ୍ଟି ହୋଇଥିଲା। ଏଣୁ ଏଭଳି ଅଭିଯୋଗ ମିଳିବା ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ନିର୍ଦ୍ଧାରିତ ସମୟରେ ଚଳାଚଳ କରୁ ନ ଥିବା ବସ୍ ମାଲିକମାନଙ୍କୁ ଚେତାବନୀ ଦିଆଯାଇଛି। ପରବର୍ତ୍ତୀ ସମୟରେ ନିୟମ ଖିଲାପ କଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କେନ୍ଦୁଝର ଜିଲାରୁ କଟକ, ଭୁବନେଶ୍ୱର, ବାଲେଶ୍ୱର, କରଞ୍ଜିଆ ଆଦି ଅଞ୍ଚଳକୁ ଦୈନିକ ବହୁ ସଂଖ୍ୟାରେ ଘରୋଇ ବସ୍ ଚଳାଚଳ କରିଥାଏ । ଅନେକ ସମୟରେ ସରକାରୀ ବସ୍ ଚଳାଚଳ ସମୟର କିଛି ସମୟ ପୂର୍ବରୁ ଓ ପରେ ଘରୋଇ ବସ୍ ଚଳାଚଳ କରୁଥିବାରୁ ସରକାରଙ୍କ କ୍ଷତି ହେଉଛି। ଅନ୍ୟ ଘରୋଇ ବସ୍ ମାଲିକମାନଙ୍କର ମଧ କ୍ଷତି ହେଉଥିବାରୁ ବିବାଦ ସୃଷ୍ଟି ହେଉଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଖଇରା, ୨୪।୨(ଡି.ଏନ.ଏ.)

## ସମସ୍ତ କାର୍ଯ୍ୟକର୍ତ୍ତା ପୁନଃ ମନୋନୀତ

ଖଇରା ଦୁର୍ଗାମଣ୍ଡପରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଖଇରା ଶାଖାର ଏକ ବୈଠକ ମହେନ୍ଦ୍ର ପ୍ରସାଦ କବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ସଦସ୍ୟ ହରିହର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କମିଟି କାର୍ଯ୍ୟକାଳ ଶେଷ ହୋଇଯାଇଛି। ପୁନଃ ନିର୍ବାଚନ ପାଇଁ ଆଲୋଚନା କରାଯାଇଛି। ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି ପୁରୁଣା କମିଟି ଆଉ ୩ବର୍ଷ ପୁନଃ ଦାୟିତ୍ୱ ପ୍ରଦାନ କରାଯିବା ନେଇ ପ୍ରସ୍ତାବ ରଖିବା ପରେ ସମସ୍ତ ସଭ୍ୟ ଏହାକୁ ସ୍ୱାଗତ କରିଥିଲେ । ୨୫ବର୍ଷ ପରିବର୍ତ୍ତେ ୨୦ବର୍ଷ ଚାକିରି କରିଥିବା ବ୍ୟକ୍ତିଙ୍କୁ ୫୦ପ୍ରତିଶତ ପେନସନ ଦେବା ଏବଂ ସମସ୍ତ ପେନସନଧାରୀଙ୍କୁ ଚିକିତ୍ସା ଭତ୍ତା, ବସ୍ ଓ ରେଳ ଭଡ଼ାରେ ରିହାତି ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପାତ୍ର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତାବ ଦେବା ପରେ ଏପ୍ରିଲ ତୃତୀୟ ସପ୍ତାହରେ ପାଳନ ପାଇଁ ସ୍ଥିର କରାଯାଇଥିଲା। ଆଗାମୀ ୧୦ତାରିଖ ବୈଠକରେ ସବିଶେଷ ଆଲୋଚନା ଉପରେ ସଭ୍ୟମାନେ ମତ ଦେଇଥିଲେ। ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ଉପସଭାପତି କମଳଲୋଚନ ଜେନା, ସହସମ୍ପାଦକ ନାରାୟଣ ପେଡ଼ା, ପଦ୍ମନାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ ରାସ୍ତା ନିର୍ମାଣ ଆରମ୍ଭରୁ ବିଭ୍ରାଟ

ଖଇରା, ୨୪।୨(ଡି.ଏନ.ଏ.

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ୪ ଜିଲାକୁ ସଂଯୋଗ କରୁଥିବା ଚରମ୍ପା ବ୍ରାଞ୍ଚ କେନାଲ ରାସ୍ତା କିଛି ମାସ ତଳେ ଆମ୍ବହତାଠାରୁ ଆରମ୍ଭ ହୋଇ ରାମପୁର ପର୍ଯ୍ୟନ୍ତ ପହଞ୍ଚିଛି। ଏହା ନିମ୍ନମାନର ହେଉଥିବା ନେଇ ଆମ୍ବହତା, ରାମପୁର, ରଗିଣା, ସାନକମାରୀ, ଗଡ଼ସାହି ଗ୍ରାମର ଅଧିବାସୀଙ୍କ ସମେତ କେନ୍ଦୁଝରରୁ ବାଲେଶ୍ୱର ଏବଂ ଭଦ୍ରକ ଯାତାୟାତ କରୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଶେଷ ହୋଇଥିବା କାର୍ଯ୍ୟର ବିଲ୍ ପୈଠ ନ କରି ପୁନଃ ନିର୍ମାଣ କରିବା ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଯାତାୟାତ ଖର୍ଚ୍ଚକାଟ୍ ଲାଗି ଉପରୋକ୍ତ ୪ ଜିଲାର ବହୁ ସଂଖ୍ୟାର ବାସିନ୍ଦା ଆମ୍ବହତା-ଚରମ୍ପା କେନାଲ ରାସ୍ତା ଦେଇ ଯା'ଆସ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଚରମ୍ପା, ରାଣୀତାଲ ଓ ଗୋପାଳପୁର ଡିଷ୍ଟ୍ରିବ୍ୟୁଟାରୀର ପାର୍ଶ୍ୱ ରାସ୍ତା ପାଇଁ ପାଖାପାଖି ୫କୋଟି ଟଙ୍କା ମଞ୍ଜୁରୀ ମିଳିଛି। ୨ମାସ ତଳେ ଆମ୍ବହତା ନିକଟରୁ ୨କି.ମି. ରାସ୍ତା ନିର୍ମାଣ



ଆମ୍ବହତା-ରାମପୁର ଦକ୍ଷିଣପାର୍ଶ୍ୱ କେନାଲ ରାସ୍ତା।

ଆରମ୍ଭ ହୋଇଛି । ହେଲେ ରାସ୍ତା ଯଥେଷ୍ଟ ଅଣଓସାରିଆ ହେବା ସହ ମୋରମ ବଦଳରେ ମାଙ୍କଡ଼ା ମାଟି, କାଦୁଅମିଶା ବାଲି ବ୍ୟବହାର ହେବା ସ୍ଥାନୀୟ ଗ୍ରାମବାସୀ ଏହାକୁ ପ୍ରବଳ ବିରୋଧ କରିଛନ୍ତି । ଏହାର ସ୍ଥାୟିତ୍ୱ ଅତିବେଶୀରେ ୩ମାସ ବୋଲି ଉପରୋକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବୁଠାର ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ, ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଥିବା ସ୍ଥାନରେ ସୂଚନାଫଳକ ଲଗା ନ ଯାଇ ଯାତ୍ରୀଙ୍କୁ ଅନ୍ଧକାରରେ ରଖାଯାଇଛି। ଏହା ପ୍ରତିବାଦରେ ରଗିଣା ଗ୍ରାମର ଦୟାନିଧି ପରଡ଼ା, ବାବାଜୀ ରାଉତ, ପ୍ରଫୁଲ୍ଲ ବେହେରା, ଅର୍ଜୁନ ବେହେରା, ବାବୁରାମ ଶତପଥୀ ଓ ବାବୁ ମିଶ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ସରଜମିନ ତଦନ୍ତ ପାଇଁ ସାଳନ୍ଦୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସମ୍ପର୍କରେ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ଦଶରଥ ମୁର୍ମୁଙ୍କୁ ଯୋଗାଯୋଗ କରିବାରେ ରାସ୍ତା କାମ ଠିକ୍ ଭାବେ ଚାଲି ନ ଥିବା ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଭୋଜି ଖାଇ ଆଦର୍ଶ ବିଦ୍ୟାଳୟର ୪ ଛାତ୍ରୀ ଅସୁସ୍ଥ

ସୋର, ୨୪।୨(ଡି.ଏନ.ଏ.)

ଗୁରୁବାର ସୋର ବ୍ଲକ ଅଧୀନ ନଦିଗାଁ ପଞ୍ଚାୟତ ଅଧୀନ ଗଞ୍ଜ ଗ୍ରାମରେ ଥିବା ଆଦର୍ଶ ବିଦ୍ୟାଳୟର ୪ ଜଣ ଛାତ୍ରୀ ବ୍ରତଘର ଭୋଜି ଖାଇ ଅସୁସ୍ଥ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏବେ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣାଧୀନ ଥିବା ବେଳେ ଚଳିତ ଶିକ୍ଷାବର୍ଷରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାମ ଲେଖାଇଥିବା ବେଳେ ଅଭିଭାବକଙ୍କ ନିଜସ୍ୱ ବ୍ୟବସ୍ଥାରେ ମେସ୍ କରି ରହୁଛନ୍ତି। ସେହି ମେସ୍‌ରେ ଥିବା ୧୫ ଜଣ ଅନ୍ତେବାସିନୀ ବ୍ରତ ଘର ଭୋଜି ଖାଇଥିବା ବେଳେ ଛାତ୍ରୀ ଦିପ୍ତୀପ୍ରଜ୍ଞା ମହାନ୍ତି, ସୁରମ୍ୟା ମହାନ୍ତିଙ୍କ ସମେତ ୪ଜଣଙ୍କର ବାନ୍ତି ଓ ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ଅସୁସ୍ଥ ୪ଜଣଙ୍କୁ ଶୁକ୍ରବାର ସକାଳେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ସୋର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୋମନାଥ ଦାସ, ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ଡାକ୍ତରଖାନାକୁ ଯାଇ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ପରେ ସମସ୍ତ ଚିକିତ୍ସାଧୀନ ଛାତ୍ରୀ ସେମାନଙ୍କ ଘରକୁ ଫେରିଥିବା ଜଣାପଡିଥିଲା। ବିଦ୍ୟାଳୟ ଅଧକ୍ଷ କମଳାକାନ୍ତ ମାଝି ପରୀକ୍ଷା କାରଣରୁ ସେମାନଙ୍କୁ ଭେଟିପାରି ନ ଥିବା ଜଣାଇଛନ୍ତି।

# ମଣ୍ଡି ପରିଦର୍ଶନ କଲେ ଅଧିକାରୀ

ଭଣ୍ଡାରିପୋଖରୀ, ୨୪।୨ (ସ୍ୱ.ପ୍ର.)

## ଧରିତ୍ରୀ ପ୍ରଭାବ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ପ୍ରଥମ ପର୍ଯ୍ୟାୟରେ ମଣ୍ଡିରେ ଧାନ ବିକ୍ରି କରି ଚାଷୀମାନେ ଏଯାଏ ଟଙ୍କା ପାଇ ନ ଥିବା ବେଳେ କିଛି ଚାଷୀ ବିଲକୁଲ ଧାନ ବିକି ପାରି ନାହାନ୍ତି। ବ୍ଲକର ୧୬ ମଣ୍ଡିରେ ଅଚଳାବସ୍ଥା। କେଉଁଠି ମଣ୍ଡିରେ ଧାନ ଗଚ୍ଛିତ ଥିବାବେଳେ ଟାର୍ଗେଟ ନାହିଁ ତ ଆଉ କେଉଁଠି ଅଳ୍ପ ଟାର୍ଗେଟ ଥିଲେ ସୁଦ୍ଧା ଚାଷୀମାନେ ମଣ୍ଡିକୁ ଆସି ହଇରାଣ ହେଉଥିବା ଦେଖାଯାଉଛି। ଫଳରେ ଅନେକ ଚାଷୀ ସରକାରୀ ବ୍ୟବସ୍ଥା ଉପରେ ଅସନ୍ତୋଷ ବ୍ୟକ୍ତ କରି ବାହାର ରାଜ୍ୟ ବେପାରୀଙ୍କୁ ଧାନ ବିକିବା ପାଇଁ ମନସ୍ଥ କରିଛନ୍ତି। ଟାର୍ଗେଟ ଯୋଗାଇବାରେ ଜିଲା ଯୋଗାଣ ବିଭାଗର ପାତରଅନ୍ତର ନୀତି ଯୋଗୁ ଅନେକ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ଗତ ମଙ୍ଗଳବାର ଧାନକ୍ରୟ ଟାର୍ଗେଟ ଦାବିରେ ମାଳଦା ସେବା ସମବାୟ ସମିତି ଆଗରେ ଚାଷୀମାନେ ରାସ୍ତାରୋକୋ କରି ଧାରଣା ଦେଇଥିଲେ। ଏନେଇ ଖବର ଧରିତ୍ରୀରେ ପ୍ରକାଶ ପାଇବାର ଦିନକ ପରେ ଶୁକ୍ରବାର ଜିଲା ସମବାୟ ବିଭାଗ କ୍ଷେତ୍ରୀୟ ଅଧିକାରୀ ବସନ୍ତ ରଣା ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ବିଭିନ୍ନ ମଣ୍ଡି ଗସ୍ତ କରି ଗଚ୍ଛିତ ଥିବା ଧାନ ପରିମାଣ ସମ୍ପର୍କରେ ସେ ତଥ୍ୟ ସଂଗ୍ରହ କରିଥିଲେ। ରହଣିଆ ସମିତି ମଣ୍ଡି ପରିଦର୍ଶନ କରି ସେଠାରେ କେତେ ଧାନ ଗଚ୍ଛିତ ଅଛି ଓ କେତେ ଟାର୍ଗେଟ ଆସିଲେ ଚାଷୀମାନେ ସୁରୁଖୁରୁରେ ବିକି ପାରିବେ ସେନେଇ ସମ୍ପାଦକ ସନ୍ତୋଷ ଦାସଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ମାଳଦା ସମିତିଠାରେ ସମ୍ପାଦକ ସୁବାସ ପାତ୍ର ଓ ନାରାୟଣପୁର ସମିତିଠାରେ ସମ୍ପାଦକ ସୁମନ୍ତ ସେନାପତିଙ୍କ ସହ ଟାର୍ଗେଟ ଆସିବା ଏବଂ ଗଚ୍ଛିତ ଧାନ ସମ୍ପର୍କରେ ସେ ଆଲୋଚନା କରିଥିବା ବେଳେ ଟାର୍ଗେଟ ବଢ଼ାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।



ସମବାୟ ବିଭାଗ ଅଧିକାରୀ ବସନ୍ତ ରଣା ଏକ ମଣ୍ଡିରେ ଗଚ୍ଛିତ ଧାନ ଦେଖୁଛନ୍ତି।

# ରଷିଆ ଡ୍ୟାମ୍‌ରେ ପିଞ୍ଜିରା ମାଛ ଚାଷ ଉଦ୍‌ଘାଟିତ



ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପିଞ୍ଜିରା ମାଛ ଚାଷ ଉଦ୍‌ଘାଟନ କରୁଛନ୍ତି।

ନୀଳଗିରି, ୨୪।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ କିଶୋରଚନ୍ଦ୍ରପୁର ପଞ୍ଚାୟତ ତଥା କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ରଷିଆ ଡ୍ୟାମରେ ନୂତନ ଜ୍ଞାନ କୌଶଳରେ ନିର୍ମିତ ପିଞ୍ଜିରା ମାଛଚାଷ (ଫିସ୍ କେଜ୍ କଲଚର) ଉଦ୍‌ଘାଟନ କରାଯାଇଛି। ଏନେଇ ଗୁରୁବାର ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହାକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଯୋଜନା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଛ ଚାଷ କରି ଅର୍ଥ ଉପାର୍ଜନ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସୂଚନା ମିଳିଛି। ନୀଳଗିରିରେ ପ୍ରଥମ ଥର ଲାଗି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଛି। ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ଓଡ଼ିଶା ଜୀବିକା ଶକ୍ତି ବିଭାଗରୁ ଆସିଥିବା ୧୫ଲକ୍ଷ ଟଙ୍କା ଅନୁଦାନ ରାଶି ଡ୍ୟାମ ମଧ୍ୟରେ ୧୬ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ କେଜ୍ କରାଯାଇଛି। ଉକ୍ତ କେଜ୍‌ରେ ୨୦୦୦ ଫିସ୍ ଅର୍ଥାତ୍ ୨କୁଇଣ୍ଟାଲ ମାଛ ଛଡ଼ାଯାଇଛି। ୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଉକ୍ତ ପ୍ରକଳ୍ପ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ନୀଳଗିରି ବିଡିଓ ରାହୁଲ ମଣ୍ଡଳ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ୍ ପରିଡ଼ା, ବ୍ଲକ ପ୍ରକଳ୍ପ ଅଧିକାରୀ ଅର୍ଜୁନ ପାଲ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ଏପିଓ ମୀନତିଲତା ଦାସଙ୍କ ସମେତ ୩ଟି ମହିଳା ସଂଘର ସମସ୍ତ ସଭ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଡ୍ରେନ୍ ପାଖରୁ ମିଳିଲା ନବଜାତ ଶିଶୁକନ୍ୟା

ଜଳେଶ୍ୱର, ୨୪।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ହାତୀଗଡ ଡାକ୍ତରଖାନା ନିକଟରେ ଥିବା ଡ୍ରେନ୍ ପାଖରୁ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରଯାଇ ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବାପରେ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇଉଠିଥିଲା। ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସୁଶାନ୍ତ ସି ଓ ତାଙ୍କ ସ୍ତ୍ରୀ ବାସନ୍ତୀ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ଶୁକ୍ରବାର ବାସନ୍ତୀ ଡ୍ରେନ୍ ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ଶିଶୁର ମା' ବାପା କିମ୍ବା ସମ୍ପର୍କୀୟ ଶିଶୁର ପରିଚୟ କିମ୍ବା ଦାବିଦାର ନ ଥିବା ବେଳେ ବାସନ୍ତୀ ଶିଶୁର ଅଧିକ ଚିକିତ୍ସା ଲାଗି ବାଲେଶ୍ୱର ନେବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ହାତୀଗଡ ଡାକ୍ତରଖାନା ମୁଖ୍ୟ ଡ. ପ୍ରଭାସ ଚନ୍ଦ୍ର ନାୟକ କହିଛନ୍ତି, ବାସନ୍ତୀ ସି ନେଇଆସିଥିବା ନବଜାତ ଶିଶୁର ଓଜନ ଦେଢ କିଲୋଗ୍ରାମ। ତାର ପ୍ରାଥମିକ ଚିକିତ୍ସା ଲାଗି ବାଲେଶ୍ୱରସ୍ଥିତ ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ରାଉତ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା କହିଥିଲେ।

# ମଧ୍ୟାହ୍ନଭୋଜନ ପାଚିକା-ସହାୟିକାଙ୍କ ବିକ୍ଷୋଭ

ଯୋଡ଼ା,୨୪।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ମଧ୍ୟାହ୍ନଭୋଜନ ପାଚିକା-ସହାୟିକାମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟାହ୍ନଭୋଜନ ଯୋଜନାରେ କାର୍ଯ୍ୟରତ ପାଚିକା-ସହାୟିକାମାନେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସୁଚାରୁରୂପେ କାର୍ଯ୍ୟ ତୁଲାଉଛନ୍ତି । ମାସକୁ ୧୦୦ ଟଙ୍କା ପାରିଶ୍ରମିକରେ କାର୍ଯ୍ୟ ଆରମ୍ଭ କରି ଅଦ୍ୟାବଧି ୧୪୦୦ ଟଙ୍କା ହିସାବରେ ୧୦ ମାସର ଭତ୍ତା ପାଉଛନ୍ତି । ମାତ୍ର ଦୀର୍ଘବର୍ଷ ଧରି କାମ କରିବା ପରେ ମଧ ସେମାନେ ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ପାଚିକା-ସହାୟିକାଙ୍କୁ ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ, ତାମିଲନାଡୁ ସରକାରଙ୍କ ଭଳି ଶିକ୍ଷା ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ବେଆଇନ ଛଟେଇ ବନ୍ଦ କରିବା ସହ ଛଟେଇ ପାଚିକା-ସହାୟିକାଙ୍କୁ ପୁନଃ ନିଯୁକ୍ତି ଦିଆଯିବା,ଅବସର ପରେ ମାସିକ ୧୦ ହଜାର ଟଙ୍କା ପେନସନ ବ୍ୟବସ୍ଥା, ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟରୁ ନିବୃତ୍ତ ରଖିବା, ଖାଲିପଡ଼ିଥିବା ପାଚିକା-ସହାୟିକା ପଦବୀରେ ତୁରନ୍ତ ନିଯୁକ୍ତି ଭଳି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନଙ୍କ ଜରିଆରେ ୧୩ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ।

# ଦବି ଯାଉଛି ବରପଦା-ଆଗରପଡ଼ା ରାସ୍ତା

ଭଦ୍ରକ ଅଫିସ,୨୪।୨

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବରପଦା ଛକଠାରୁ ଆଗରପଡ଼ାକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଦିନକୁ ଦିନ ଦବି ଯାଉଛି। ଏହି ୧୪ କି.ମି ରାସ୍ତାର ନବୀକରଣ ୧୨ ବର୍ଷ ତଳେ ୪୨ କୋଟି ଟଙ୍କା ଅଟକଳରେ ହୋଇଥିଲା। ରାସ୍ତା ଦବି ଯାଇ ଫାଟ ସୃଷ୍ଟି ହୋଇଛି। ଏହି ଫାଟକୁ ପ୍ରତ୍ୟେକ ବର୍ଷ କାଁ ଭାଁ ମରାମତି କରାଯାଉଥିଲେ ମଧ ଏହାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ। ନିମ୍ନମାନର କାର୍ଯ୍ୟ ହେତୁ ବର୍ଷଟିଏ ମଧ୍ୟରେ ପୁଣି ଫାଟ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ବାଲେଶ୍ୱର ଜିଲା କୁପାରୀରୁ ମୋରମ, ମେଟାଲ ଓ ଚିପ୍ସ ବୋଝେଇ ଶତାଧିକ ଭାରିଯାନ ଦୈନିକ ଯାତାୟାତ କରୁଥିବାରୁ ଦିନକୁ ଦିନ ଅଧିକ ପରିମାଣରେ ରାସ୍ତା ଦବିଯାଉଛି। ଏହି ଅଣଓସାରିଆ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାରୁ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହି ବ୍ୟସ୍ତବହୁଳ ରାସ୍ତା ଉପରେ ଭଦ୍ରକ ଜିଲାର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାର ଅଧିକାଂଶ ଲୋକ ଦୈନନ୍ଦିନ ଯିବା ଆସିବା କରନ୍ତି। ଏହି ରାସ୍ତାକୁ ଦୁଇଥାକିଆ ରାସ୍ତାରେ ପରିଣତ କରିବା ପାଇଁ ଏକାଧିକ ଥର ଦାବି ହୋଇଥିଲେ ମଧ ସୁଫଳ ମିଳିପାରି ନାହିଁ। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ବେହେରା କହିଛନ୍ତି, ଏହି ରାସ୍ତାକୁ ୭ ମିଟର ଓସାର କରିବା ସହ ନୂଆ ରାସ୍ତା ନିର୍ମାଣ ପାଇଁ ୪୪ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁର ପାଇଁ ଦିଆଯାଇଛି। ଏହି ଅଟକଳ ମଧ୍ୟରେ ଛୋଟ ପୋଲ ଓ ଜମି ଅଧିଗ୍ରହଣ କରାଯିବ। ଏହି ଅଟକଳ ମଞ୍ଜୁର ହେବା ପରେ ଟେଣ୍ଡର କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।



# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା

ବାଲେଶ୍ୱର ଅଫିସ, ୨୪।୨

ବାଲେଶ୍ୱର ଫକୀରମୋହନ (ଏଫଏମ୍) ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିବେଶ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ପର୍ଯ୍ୟାବରଣୀୟ ସ୍ଥିତାବସ୍ଥା ନିମିତ୍ତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ଦୁଇ ଦିବସୀୟ ଅନ୍ତର୍ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍, ନୂଆଦିଲ୍ଲୀର ପୂର୍ବତନ ବିଷୟ ବିଶେଷଜ୍ଞ ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ, ପରିବେଶ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗ ମୁଖ୍ୟ ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ପ୍ରତି ମଣିଷର ଦାୟବଦ୍ଧତା ଓ ତଦନୁସାରୀ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ନୂଆ ନୂଆ ସମ୍ଭାବନାର ମାର୍ଗ ଉନ୍ମୋଚନରେ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।




ଅତିଥିଙ୍କ ଦ୍ୱାରା 'ଫିଦେଡ୍ ଫ୍ରେଣ୍ଡସ୍ ଅଫ୍ ଏଫ୍‌ଏମ୍‌ୟୁ' ପୁସ୍ତକ ଉନ୍ମୋଚନ କରାଯାଉଛି।

ଡ. ଡିକେ ପଣ୍ଡା, ଗବେଷକ ପ୍ରଫେସର, ଯୁକ୍ତରାଷ୍ଟ୍ର ଆମେରିକାରୁ ଅତିଥି ରୂପେ ଯୋଗଦେଇ ପରିବେଶ ପ୍ରତି ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱବଦ୍ଧତା ଉପରେ ଆଲୋକପାତ କରିଥିଲେ। ପରିବେଶ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ସ୍ୱାଗତ ଭାଷଣ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସାମ୍ପ୍ରତିକ ସମୟରେ ପରିବେଶ ଓ ପ୍ରଯୁକ୍ତିବିଦ୍ୟା ଉଭୟର ଗୁରୁତ୍ୱକୁ ସ୍ୱୀକାର କରିବା ସହିତ ପ୍ରଦୂଷଣ ଓ ମାନବ ସମାଜ ଉପରେ ଏହାର ପ୍ରତିକୂଳ ପରିଣତି ପ୍ରତି ସଚେତନ କରାଇବା ସହ ଜୈବିକ ଉତ୍ପାଦ ଓ ପଦ୍ଧତିର ବିକାଶ, ପ୍ରୟୋଗ ପ୍ରତି ଯତ୍ନବାନ୍ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ପରିବେଶ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ସହଯୋଗୀ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମିଶ୍ର ଏହି ଅନ୍ତର୍ଜାତୀୟ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ ମତ ଦେଇ 'ସର୍ବଜନ ସୁଖାୟ ସର୍ବଜନ ହିତାୟ' ବିଜ୍ଞାନର ପ୍ରମୁଖ ମୀମାଂସା ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିମାନେ କର୍ମଶାଳାର ସାରାଂଶ ତଥା ସିଦ୍ଧାନ୍ତ ଏବଂ 'ଫିଦେଡ୍ ଫ୍ରେଣ୍ଡସ୍ ଅଫ୍ ଏଫ୍‌ଏମ୍‌ୟୁ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହିତ ଗବେଷକ ବିଦ୍ୟାର୍ଥୀଙ୍କ ଗବେଷଣା ପ୍ରାସଙ୍ଗିକ ପୋଷ୍ଟର ପ୍ରଦର୍ଶନୀ ଏବଂ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଅମଳକ୍ଷମ ବିଭିନ୍ନ ପ୍ରକାର ଧାନର ଏକ ପ୍ରଦର୍ଶନୀ ପରିବେଶ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜନ କରାଯାଇଛି। ଶେଷରେ ସହକାରୀ ପ୍ରଫେସର ଡ. ମିହିର ତନୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ଏହି କାର୍ମଶାଳା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

## 'ଫିଦେଡ୍ ଫ୍ରେଣ୍ଡସ୍ ଅଫ୍ ଏଫ୍‌ଏମ୍‌ୟୁ' ପୁସ୍ତକ ଉନ୍ମୋଚିତ

